# Akashvani, Sambalpur

# SAMBALPURI NEWS BULLETIN

## 23 October 2024- 6.47- 6.52 am.

*********************************************

ବାତ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ସାମୁଦ୍ରିକ ଝଡ଼୍ 'ଦାନା' ଘଂଟାକ ୩ କିଲୋମିଟର୍ ବେଗଥି ଉପକୂଳ ଆଡ୍‌କେ ଆସୁଛେ । ଇଟା ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍ ସଖାଲ୍‌ତକ୍ ଭୀଷଣ ବାତ୍ୟା ରୂପ୍ ନେଇପାରେ ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମ୍ଭାବ୍ୟ ବାତ୍ୟା ଓଡ଼ିଶା, ପଶ୍ଚିମବଙ୍ଗ୍ ମଧ୍ୟବର୍ତୀ ପୁରୀ ନୁ ସାଗର୍‌ଦୀପ୍ ଭିତ୍‌ରେ ଆଏବା କାଏଲ୍ ରାତି ଆର୍ ୨୫ ତାରିଖ୍ ସଖାଲ୍‌ତକ୍ ଭୂଇଁକେ ଛୁଇଁବାର୍ ଆଶଙ୍କା ରହିଛେ । ଇଥିର୍‌ଲାଗି ସମୁଦ୍ରଖଁଡ଼ି ଇଲାକା ସହେତେ ଉତର୍ ଓଡ଼ିଶା ଅଏତ୍‌କା ପ୍ରଭାବିତ୍ ହେବା । ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବାତ୍ୟା ଭୂଇଁକେ ଛୁଇଁବାର୍ ସମିଆଥି ପବନ୍‌ର ଗତି ଘଂଟାକ ଶହେ ନୁ ଶହେ ୨୦ କଲୋମିଟର୍ ଭିତ୍‌ରେ ରହେବା । ଆଏଜ୍ ସଞ୍ଜ୍‌ବେଲୁ ସମୁଦ୍ରଖଁଡ଼ି ଇଲାକା ନ ଘଂଟାକ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ବୁହିବା । ଇତାର୍ ସହେତେ ବର୍ଷା

ହେବା ବଲି ଅନୁମାନ୍ କରାଯାଇଛେ । ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ୨୬ ତାରିଖ୍‌ତକ୍ ମତ୍ସ୍ୟଜୀବାମାନ୍‌କୁ ସମୁଦ୍ରକେ ନାଇଁ ଯିବାର୍‌କେ ସତର୍କ କରାଯାଇଛେ । ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ଯାଜ୍‌ପୁର୍, କଟକ୍ ଆର୍ ଢେଙ୍କାନାଲ୍ ଅଏତ୍‌କା ପ୍ରଭାବିତ୍ ହେବା ବଲି ଆଶଙ୍କା କରାଯାଇଛେ ।

ବାତ୍ୟା ପରିଚାଳନା ଦାୟିତ୍ୱ-ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ଭାବ୍ୟ ବାତ୍ୟା 'ଦାନା'ର ପରିଚାଳନା ନିରୀକ୍ଷଣ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୯ ଟା ଜିଲ୍ଲା ନ ମନ୍ତ୍ରୀମାନ୍‌କୁ ଦାୟିତ୍ୱ ଦେଇଛନ୍ । ଜଗତ୍‌ସିଂହପୁର୍ ଜିଲ୍ଲା ଲାଗି ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ବାଲେଶ୍ୱର୍ ଲାଗି ରବି ନାରାୟଣ୍ ନାଏକ୍, ଭଦ୍ରକ୍ ନ ସୂର୍ଯ୍ୟବଂଶୀ ସୂରଜ୍, ମୟୁର୍‌ଭଞ୍ଜ ନ କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀ ନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ କେନ୍ଦ୍ରାପଡ଼ା ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଦାୟିତ୍ୱ ଦିଆଯାଇଛେ । ସେନ୍ତା ଗଞ୍ଜାମ୍ ଜିଲ୍ଲା ଲାଗି ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, କେନ୍ଦୁଝର୍ ନ କୃଷ୍ଣଚନ୍ଦ୍ର ପାତ୍ର ଆର୍ କଟକ୍ ଲାଗି

ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କୁ ବାତ୍ୟା ପରିଚାଳନା ନିରୀକ୍ଷଣ୍ ଲାଗି ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଛନ୍ ।

ବିଧାୟକ୍ -ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବାତ୍ୟା ସମିଆଥି ଜିଲ୍ଲା ପ୍ରଶାସନ୍ ସାଙ୍ଗେ ସମନ୍ୱୟ ରଖିକରି ବାତ୍ୟା ମୁକାବିଲା କର୍‌ବାର୍ ସହେତେ ରିଲିଫ୍ ଆଉ ଉଦ୍ଧାର୍ କାମ୍‌କେ ତ୍ୱରାନ୍ୱିତ କର୍‌ବାର୍ ଲାଗି ସବୁ ବିଧାୟକ୍ ଆଉ ବିଧାୟିକାମାନେ ନିଜର୍ ନିଜର୍ ନିର୍ବାଚନ୍ ମଣ୍ଡଲୀ ନ ଉପସ୍ଥିତ୍ ରହେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । ସବୁ ବିଧାୟିକ ଆର୍ ବିଧାୟିକା ନିଜର୍ ନିଜର୍ ଇଲାକାର୍ ଲୁକ୍‌କର୍ ସାଙ୍ଗେ ରହିକରି ସେମାନ୍‌କୁ ଦର୍‌କାରୀ ସାହାଜ୍ ଆର୍ ସୁବିଧା ଯୁଗେଇ ଦେବାର୍‌କେ ଚେଷ୍ଟା କର୍‌ବାର୍ ଦର୍‌କାର୍ ବଲି ସାମାଜିକ ଗଣମାଧ୍ୟମ୍‌ଥି ପୋଷ୍ଟ କରିକରି କହିଛନ୍ ।

ବରିଷ୍ଠ ଅଧିକାରୀ-ଦାୟିତ୍ୱ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଲାଗି ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ୧୧ ଝନ୍ ବରିଷ୍ଠ ଅଧିକାରୀଙ୍କୁ ଭିନ୍ ଭିନ୍ ଜିଲ୍ଲାର୍ ଦାୟିତ୍ୱ ଦିଆଯାଇଛେ । ଇ ଅଧିକାରୀମାନେ ଜିଲ୍ଲା ନ ଥିବା ସବୁ ପୌରାଂଚଲ୍ ନ ବାତ୍ୟା ମୁକାବିଲାର୍ ତୟାରି ସଙ୍ଗେ ଅଲ୍‌ଗା କାମ୍‌ର ତଦାରଖ୍ କର୍‌ବେ । ଇତାର୍‌ଛଡ଼ା ବିଭାଗୀୟ ସଚିବ ଉଷା ପାଢ଼ୀଙ୍କର୍ ତର୍ଫୁ ସବୁ ମହାନଗର୍ ନିଗମ୍‌ର କମିଶନର୍ ଆଉ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାତ୍ୟା ପ୍ରସ୍ତୁତି ଆଉ ପରିଚାଳନା ଲାଗି ଏସ୍‌ଓପି ଦିଆଯାଇଛେ ।

ପୁଲିସ୍ ଡିଜି - ବାତ୍ୟା- ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଆଉ ତାର୍ ଉତ୍‌ରର୍ ପୁନରୁଦ୍ଧାର୍ କାମ୍‌କେ ନଜର୍‌ଥି ରଖିକରି ପୁଲିସ୍ ଡିଜି ଯୋଗେଶ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟକେ କାର୍ଯ୍ୟକାରୀ କର୍‌ବାର୍‌କେ ସବୁ ଚେରେଷ୍ଟା କର୍‌ବାର୍ ଲାଗି ଡିଜି ଶ୍ରୀ ଖୁରାନିଆ ସବୁ ଜିଲ୍ଲା ଏସ୍‌ପିଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ବାତ୍ୟା ଆଶ୍ରୟ ସ୍ଥଲ୍ ନ ପୁଲିସ୍

ଫୋର୍ସ ମୁତୟନ, ସମୁଦ୍ର ଖଁଡ଼ି ଇଲାକା ନ ମେରାଇନ୍ ପୁଲିସ୍ ତର୍ଫୁ ସଚେତନତା, ଉପକୂଳ ଇଲାକା ନ ସାଧାରଣ ଲୁକ୍‌କୁ ଉଦ୍ଧାର୍ କର୍‌ବାର୍ କାମ୍ ଆର୍ ବାତ୍ୟା ପ୍ରଭାବିତ୍ ଜିଲ୍ଲାର୍ ସବୁ ଥାନା ଅଧିକାରୀମାନ୍‌କୁ ସଚେତନ୍ କର୍‌ବାର୍‌କେ ଡିଜିପି ଶ୍ରୀ ଖୁରାନିଆ ଏସ୍.ପି. ମାନ୍‌କୁ କହିଛନ୍ ।

ଜାତୀୟ ଜଳ ପୁରସ୍କାର୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଜଳସୁପରିଚାଳନା ଆର୍ ସଂରକ୍ଷଣ୍ କ୍ଷେତ୍ରଥି ଦେଶେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କାର୍ ପାଇଛେ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଗଲାକାଏଲ୍ ହେଇଥିବା ୫ ନମ୍ବର୍ ଜାତୀୟ ଜଳ ପୁରସ୍କାର୍ ୨୦୨୩ ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାକେ ଇ ପୁରସ୍କାର୍ ଦେଇଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍ଫୁ ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଇ ପୁରସ୍କାର୍ ଗ୍ରହଣ୍ କରିଛନ୍ । ସେନ୍ତା ଦେଶର୍ ପୂର୍ବ ଜୋନ୍‌ଥି ବଲାଙ୍ଗିର୍ ଜିଲ୍ଲାକେ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କାର୍ ଦିଆଯାଇଛେ । ଶ୍ରେଷ୍ଠ ସ୍କୁଲ୍ ଆର୍ କଲେଜ୍ ଶ୍ରେଣୀଥି ତୃତୀୟ ଶ୍ରେଷ୍ଠ ସ୍କୁଲ୍ ଲାଗି ମୟୁର୍‌ଭଞ୍ଜ୍ ଜିଲ୍ଲା ବେତନଟୀ ଇଲାକାର୍ ଖଇରବଣି ହାଇସ୍କୁଲ୍‌କେ ପୁରସ୍କାର୍

ମିଳିଛେ । ସେନ୍ତା ପୁରୀ ପୌରସଂସ୍ଥାକେ ଶ୍ରେଷ୍ଠ ପୌରସଂସ୍ଥା ଭାବେ ଜାତୀୟ ଜଳ ପୁରସ୍କାର୍ ଦିଆଯାଇଛେ ।

ଟାଇମ୍ସ ବିଜ୍‌ନେସ୍ ପୁରସ୍କାର୍ କାର୍ଯ୍ୟକ୍ରମ-ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ପ୍ରମୁଖ ଶିଳ୍ପ ହବ୍‌ଥି ପରିଣତ୍ ହେବାର୍ ଲାଗି ଓଡ଼ିଶା ପାଖେ ସବୁପ୍ରକାର୍ ସାଧନ୍ ରହିଛେ । ଖାଲି ଶିଳ୍ପ ନୁହେଁ, ପର୍ଯ୍ୟଟନ୍ ଆର୍ ଅଲ୍‌ଗା କ୍ଷେତ୍ର ନ ଭିଲ୍ ଓଡ଼ିଶାର୍ ଭବିଷ୍ୟତ୍ ଉଜଲ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ଟାଇମ୍ସ ବିଜ୍‌ନେସ୍ ପୁରସ୍କାର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟକେ ୫ ଲାଖ୍ କୋଟି ଟଙ୍କାର୍ ନିବେଶ୍ ଆନ୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

କେବିନେଟ୍ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ କେବିନେଟ୍‌ର ଗୁଟେ

ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେବା । ଇ ବୈଠକ୍‌ଥି ସମବାୟ, ପଂଚାୟତିରାଜ୍, ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ବାବ୍‌ଦେ କେତେଟା ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲ୍‌ବା ବଲି ଜନାପଡ଼ିଛେ । ଇତାର୍‌ସଙ୍ଗେ ସମ୍ଭାବ୍ୟ ବାତ୍ୟା ‘ଦାନା’ ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇପାରେ ।

ହୀରାକୁଦ୍ ଡେମ୍ ଅନୁଧ୍ୟାନ୍ ସମ୍ବଲପୁର ସମ୍ବାଦଦାତା

ସର୍‌କାର୍‌ଙ୍କର୍ ତର୍‌ଫୁ ଜୟପୁର୍‌ର ମାଲ୍‌ବୀୟ ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି- ଏମ୍‌ଏନ୍‌ଆଇଟି ର ବିଶେଷଜ୍ଞ ଦଲ୍ ହୀରାକୁଦ୍ ବନ୍ଧର୍ ଥିତି ଅନୁଧ୍ୟାନ୍ କରିଛନ୍ । ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍ ଇତାର୍ ପାଖର୍ ଇଲାକା ଭୂକମ୍ପ ପ୍ରବଣ ସେଶ୍‌ମିକ୍ ଜୋନ୍-୩ ଥି ଆସୁଥିବାର୍‌ନୁ ଭୂକମ୍ପ ନେଇକରି ହୀରାକୁଦ୍ ବନ୍ଧ କେତେ ତୟାର୍ ଅଛେ ସେ ବାବ୍‌ଦେ ଇ ବିଶେଷଜ୍ଞ ଦଲ୍ ଗଲାକାଏଲ୍ ଅନୁଧ୍ୟାନ୍ କରିଥିଲେ । ଅନୁଧ୍ୟାନ୍ ଉତ୍‌ରୁ ଇ ଦଲ୍ ସର୍‌କାର୍‌ଙ୍କୁ ଗୁଟେ ରିପୋର୍ଟ ଦେବେ । ଇ ରିପୋର୍ଟକେ ତର୍ଜମା କରିକରି ସର୍‌କାର୍ ଆଏବା ପଦକ୍ଷେପ୍ ନେବେ ବଲି ସୂଚ୍‌ନା ମିଲିଛେ ।

ରାଜ୍ୟସର୍କାରୀ ମହିଳା କର୍ମଚାରୀ ଛୁଟି ଆର୍ଏନ୍ୟୁ
/ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଅଧୀନ୍ଥି କାମ୍ କରୁଥିବା ମହିଳା କର୍ମଚାରୀମାନେ ଏତ୍କେ ବଛର୍କେ ୧୨ ଦିନ୍ ଋତୁସ୍ରାବ ଛୁଟି ପାଏବେ । ଇ ପ୍ରସ୍ତାବ୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ ଦେଇଛନ୍ । ମହିଳାମାନେ ୧୦ ଦିନ୍ ସାମୟିକ ଛୁଟି - ସି.ଏଲ୍ ଆର୍ ୫ ଦିନ୍ ସ୍ୱତନ୍ତ୍ର ସାମୟିକ ଛୁଟି ସହେତେ ଅତିରିକ୍ତ ଛୁଟି ଭିଲ୍ ପାଇପାର୍ବେ ।